## ସି ଏମ - କିଷାନ ଓ ପି ଏମ -କିଷାନ ଯୋଜନାରେ ନାମ ପଞ୍ଜିକରଣ ନିମନ୍ତେ ସାଧାରଣ କାର୍ଯ୍ୟକାରୀ ମାର୍ଗଦର୍ଶିକା

ସି ଏମ - କିଷାନ ଯୋଜନା ରାଜ୍ୟ ସରକାରଙ୍କ ନିଜସ୍ୱ ସମ୍ବଳରେ ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେଉଥିବା ଏକ କୃଷକ କଲ୍ୟାଣକାରୀ ଯୋଜନା । ରାଜ୍ୟ ର କୃଷି ପ୍ରଗତି ରେ କୃଷକମାନଙ୍କୁ ସାମିଲ କରିବା ସହିତ ସେମାନଙ୍କୁ ସଶକ୍ତ କରିବା ଏହି ଯୋଜନା ର ମୁଖ୍ୟ ଉଦ୍ଦେଶ୍ୟ । ଏହି ଯୋଜନାରେ ରାଜ୍ୟର ଶତକଡା ୯୨ ଭାଗ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଋଣୀ ଓ ଅଣଋଣୀ ଚାଷୀ ସହ ଭୂମିହୀନ କୃଷି ପରିବାରଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ବିଶେଷ ଭାବରେ ଧ୍ୟାନ ଦିଆଯାଇଛି ।

### ସି ଏମ - କିଷାନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ମୁଖ୍ୟ ଉପାଦାନ

୧.ଚାଷ ପାଇଁ ଚାଷୀଙ୍କୁ ସହାୟତା

୨. ଭୂମିହୀନ କୃଷି ପରିବାରଙ୍କ ପାଇଁ ଜୀବନ ଜୀବିକା ସହାୟତା

୩. କୃଷି ବିଦ୍ୟାନିଧି ଛାତ୍ର/ଛାତ୍ରୀ ବୃତ୍ତି

### ଚାଷ ପାଇଁ ଚାଷୀଙ୍କୁ ସହାୟତା:

ଏହି ଉପାଦାନ ଅଧୀନରେ ରାଜ୍ୟର ସମସ୍ତ ଯୋଗ୍ୟ ବିବେଚିତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ନିଜର ମନମୁତାବକ ଚାଷ ସାମଗ୍ରୀ ଯଥା ବିହନ, ସାର, କୀଟନାଶକ କ୍ରୟ କରିବା ସଙ୍ଗେ ସଙ୍ଗେ ଚାଷ କାର୍ଯ୍ୟରେ ଦରକାର ହେଉଥିବା ଅନ୍ୟାନ୍ୟ ଚାଷ ଖର୍ଚ୍ଚ ଭରଣା ନିମନ୍ତେ ପ୍ରତ୍ୟେକ ଫସଲ ଋତୁପାଇଁ ୨୦୦୦/- ଟଙ୍କା ହିସାବରେ ବାର୍ଷିକ ୪୦୦୦/- ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି ।

### ଭୂମିହୀନ କୃଷି ପରିବାରଙ୍କ ପାଇଁ ଜୀବନ ଜୀବିକା ସହାୟତା:

କେବଳ ମାତ୍ର ଶ୍ରମିକ ମଜୁରୀରୁ ଆୟ ଯଥେଷ୍ଟ ନଥିବାରୁ ଗ୍ରାମାଞ୍ଚଳରେ ଭୂମିହୀନ ଚାଷୀ ପରିବାରଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଆନୁଷଙ୍ଗିକ କୃଷି କାର୍ଯ୍ୟକ୍ରମ ଯଥା ପଶୁପାଳନ, ମତ୍ସ୍ୟଚାଷ ଓ ଉଦ୍ୟାନକୃଷିବୃତ୍ତି ସେମାନଙ୍କର ଆର୍ଥିକ ଉନ୍ନତି ଓ ଉନ୍ନତ ଜୀବନ ଧାରଣରେ ମୁଖ୍ୟ ରୂପରେ ବିଶେଷ ଗୁରୁତ୍ୱ ବହନ କରେ ଓ ସହାୟକ ହୋଇ ପାରିଥାଏ ।

### ଏହି କାର୍ଯ୍ୟକ୍ରମ ଗୁଡିକ ହେଲା :

୧. କ୍ଷୁଦ୍ର ଛେଳି ଚାଷ ୟୁନିଟ

୨. କ୍ଷୁଦ୍ର ଅଣ୍ଡା ଦିଆ କୁକୁଡ଼ା ୟୁନିଟ

୩ ଦ୍ୱିମୁଖୀ ସ୍ୱଳ୍ପ ସାମଗ୍ରୀ ବୈଷୟିକ ପକ୍ଷୀ ୟୁନିଟ

୪. ବତକ ୟୁନିଟ

୫. ମତ୍ସ୍ୟଜୀବିଙ୍କୁ ମତ୍ସ୍ୟଚାଷ ଉପକରଣ ଯୋଗାଣ

୬. ଛତୁ ଚାଷ

୭. ମହୁ ଚାଷ

୮. ଗୋପାଳନ

୯. ଟସର କୀଟ ପାଳନ ଇତ୍ୟାଦି

ଏହି ଉପାଦାନରେ ପ୍ରତ୍ୟେକ ଯୋଗ୍ୟ ଭୂମିହୀନ କୃଷି ପରିବାର ନିଜ ପସନ୍ଦର ଯେକୌଣସି ଗୋଟିଏ ଜୀବନ ଜୀବିକା କାର୍ଯ୍ୟକ୍ରମ ସ୍ଥିର କରିବାର ସୁଯୋଗ ରହିଛି । ପ୍ରତ୍ୟେକ ପରିବାର ନିମନ୍ତେ ଯେକୌଣସି ବୃତ୍ତି ଆପଣାଇବା ପାଇଁ ଏକକ ଖର୍ଚ୍ଚ ଅଟକଳ ୧୨୫୦୦/- ଟଙ୍କା ସମୁଦାୟ ତିନୋଟି କିସ୍ତିରେ ଯଥା ୫୦୦୦/- ଟଙ୍କା , ୫୦୦୦/- ଟଙ୍କା ଓ ଶେଷ କିସ୍ତିରେ ୨୫୦୦/- ଟଙ୍କା ଯୋଗାଇଦିଆଯିବ ।

### ସି ଏମ - କିଷାନ ଯୋଜନା ରେ ଅନ୍ତର୍ଭୁକ୍ତ ନିମନ୍ତେ ଯୋଗ୍ୟତା ମାନଦଣ୍ଡ :

•କ୍ଷୁଦ୍ର ଓ ନାମମାତ୍ର ଚାଷୀ

•ଭୂମିହୀନ କୃଷି ପରିବାର (ଗ୍ରାମାଞ୍ଚଳର ଯେଉଁ ଭୂମିହୀନ ଶ୍ରମିକ ପରିବାର କୃଷିକୁ ମୁଖ୍ୟ କାର୍ଯ୍ୟ ଭାବରେ ଗ୍ରହଣ କରିଥାନ୍ତି)

•ଉଭୟ ଉପାଦାନ ପାଇଁ ଆବେଦନକାରୀ ନିଶ୍ଚିତ ଭାବରେ ଓଡିଶାର ସ୍ଥାୟୀ ବାସିନ୍ଦା ହେବା ଆବଶ୍ୟକ |

**ସି ଏମ - କିଷାନ ଯୋଜନାରୁ ବାଦଦେବା  ନିମନ୍ତେ ଅଯୋଗ୍ୟତାର  ମାନଦଣ୍ଡ:**

ଆବେଦନକାରୀ

•ନାବାଳକ ହୋଇଥିଲେ (୧୮ ବର୍ଷରୁ କମ୍ )

•ନାମ ଅମେଳ ଥିଲେ (ଇ- KYC ସମୟରେ UIDAI ରୁ ଅଣାଯାଇଥିବା ନାମ ଏବଂ ଆଧାର ଅନୁଯାୟୀ ନାମ ମେଳ ଖାଉ ନଥିବ)

•ମଧ୍ୟମ / ବଡ଼ ଚାଷୀ ହୋଇଥିଲେ

•ଗୋଟିଏ ପରିବାରର ଏକାଧିକ ସଦସ୍ୟ ହୋଇଥିଲେ

•ଚାଷୀ କିମ୍ବା ତାଙ୍କ ପତି / ପତ୍ନୀ, ପରିବାରର ଅନ୍ୟ କୌଣସି ସଦସ୍ୟ ଆୟକର ପ୍ରଦାନକାରୀ / ସରକାରୀ / PSU କ୍ଷେତ୍ର କର୍ମଚାରୀ / ଅବସରପ୍ରାପ୍ତ କର୍ମଚାରୀ / ପେନସନଭୋଗୀ ହୋଇଥିଲେ ।

•ମୃତକ ହୋଇଥିଲେ ।

•ସାମ୍ବିଧାନିକ ପଦବୀର ପୂର୍ବତନ ତଥା ବର୍ତ୍ତମାନର ଧାରକ, ପୂର୍ବତନ ତଥା ବର୍ତ୍ତମାନର ମନ୍ତ୍ରୀ / ରାଜ୍ୟ ମନ୍ତ୍ରୀ ତଥା ଲୋକସଭା / ରାଜ୍ୟସଭା / ରାଜ୍ୟ ବିଧାନ ପରିଷଦ / ରାଜ୍ୟ ବିଧାନ ପରିଷଦର ପୂର୍ବତନ / ଉପସ୍ଥିତ ସଦସ୍ୟ, ମ୍ୟୁନିସିପାଲିଟି କର୍ପୋରେସନର ପୂର୍ବତନ ତଥା ବର୍ତ୍ତମାନର ମେୟର, ଜିଲ୍ଲା ପଞ୍ଚାୟତର ପୂର୍ବତନ ତଥା ବର୍ତ୍ତମାନର ଅଧ୍ୟକ୍ଷ ହୋଇଥିଲେ ।

•କୌଣସି ବୃତ୍ତିଗତ ସଂସ୍ଥାଗୁଡ଼ିକରେ ପଞ୍ଜୀକୃତ ଡାକ୍ତର, ଇଞ୍ଜିନିୟର୍, ଆଇନଜୀବୀ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ , ଆର୍କିଟେକ୍ଟ ଇତ୍ୟାଦି ହୋଇଥିଲେ ।

•ସହରାଞ୍ଚଳର ଚାଷୀ ହୋଇଥିଲେ ।

•ଦରଖାସ୍ତକାରୀ କୃଷକମାନଙ୍କର ବୈଧ (valid) ରେସନ କାର୍ଡ ନ ଥିଲେ ।

•ସେ ଆବେଦନ କରିଥିବା ବର୍ଗରେ (SF / MF କିମ୍ବା LAH) ସେମାନଙ୍କର ଯୋଗ୍ୟତା ଯାଞ୍ଚ ପାଇଁ ଆବଶ୍ୟକ ହେଉଥିବା ଡକ୍ୟୁମେଣ୍ଟ ପ୍ରଦାନ କରି ନଥିଲେ ଆବେଦନକାରୀଙ୍କୁ ବାଦ ଦିଆଯାଇପାରେ ।

**ପି ଏମ -କିଷାନ ଯୋଜନାରେ କରାଯାଇଥିବା ସାମ୍ପ୍ରତିକ ପରିବର୍ତ୍ତନ:**

ରାଜ୍ୟ ସରକାରଙ୍କର ସଦ୍ୟତମ  ନିଷ୍ପତ୍ତି ଅନୁସାରେ ସି ଏମ -କିଷାନ ପୋର୍ଟାଲ ସହିତ  ପି ଏମ -କିଷାନ ପୋର୍ଟାଲ ର ସଂଯୋଗୀକରଣ କରାଯିବ ଏବଂ ଉଭୟ ପୋର୍ଟାଲ ପରସ୍ପର ସହିତ କୃଷକ ମାନଙ୍କର ସମସ୍ତ ଦରକାରୀ ତଥ୍ୟ ବିନିମୟ କରିପାରିବେ । ଏହାଦ୍ୱାରା ହିତାଧିକାରୀ / ଦରଖାସ୍ତକାରୀ ମାନଙ୍କର ଚାଷ ଜମିର ବିବରଣୀ, ଇ-KYC, NPCI ସକ୍ରିୟ ସ୍ଥିତି, ଯୋଗ୍ୟ ହିତାଧିକାରୀଙ୍କ ଡେମୋ ପ୍ରାମାଣିକରଣ (ଆଧାରରେ ଥିବା ନାମ ସହ ମେଳକ ) ସ୍ୱୟଂଚାଳିତ ଭାବରେ ସମ୍ପୂର୍ଣ୍ଣ ହୋଇପାରିବ । ଏହା ବ୍ୟତୀତ API ମାଧ୍ୟମରେ ପି ଏମ -କିଷାନ ହିତାଧିକାରୀଙ୍କ ପାଇଁ ଧାର୍ଯ୍ୟ ଏହି ସମସ୍ତ ବାଧ୍ୟତାମୂଳକ ତଥ୍ୟ (Parameter) ଗୁଡିକ ସି ଏମ - କିଷାନ ପୋର୍ଟାଲ ମାଧ୍ୟମରେ ହିତାଧିକାରୀଙ୍କ ପାଇଁ ସଂଗ୍ରହ କରାଯିବ । ଏହି ପ୍ରସ୍ତାବକୁ ଭାରତ ସରକାରଙ୍କ  ଅନୁମୋଦନ କରି ତାଙ୍କର ପତ୍ର ସଂଖ୍ୟା 11-6/2024-FWS(E-148264) ତା ୦୯.୦୮.୨୦୨୪ ରିଖ ମାଧ୍ୟମରେ କୃଷି ନିର୍ଦ୍ଦେଶକଙ୍କ ଅବଗତି ନିମନ୍ତେ ଜଣାଇ ଦେଇଛନ୍ତି । ଏତଦ ବ୍ୟତୀତ  ସି ଏମ-କିଷାନ ର ହିତାଧିକାରୀମାନଙ୍କୁ ପି ଏମ  -କିଷାନ ଯୋଜନା ର ନିର୍ଦ୍ଦେଶାବଳୀ ମୁତାବକ ସମସ୍ତ ବାଧ୍ୟତା ମୂଳକ ଆବଶ୍ୟକତା (ଜମିର ବିବରଣୀ, ଇ-KYC, NPCI ସକ୍ରିୟ ସ୍ଥିତି ଇତ୍ୟାଦି ) ପୂରଣ ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ଦିନ ଠାରୁ ଆଗାମୀ ଏକ ବର୍ଷ ପର୍ଯ୍ୟନ୍ତ ସମୟ ପ୍ରଦାନ କରାଯିବ ।

**ନିମ୍ନ ବର୍ଗର ଚାଷୀ ମାନଙ୍କୁ ପି ଏମ -କିଷାନ ଯୋଜନାରେ ବର୍ତ୍ତମାନଠାରୁ ଅନ୍ତର୍ଭୁକ୍ତ କରାଯିବ ଯଥା:**

•ମଧ୍ୟମ / ବଡ଼ଚାଷୀ ମାନେ ପି ଏମ -କିଷାନ ଯୋଜନା ଅଧୀନରେ ଲାଭ ପାଇବେ ।

•ସହରାଞ୍ଚଳରେ ରହୁଥିବା ଚାଷୀ ମାନଙ୍କୁ ମଧ୍ୟ ପି ଏମ -କିଷାନ ଅଧୀନରେ ଅନ୍ତର୍ଭୁକ୍ତ କରାଯିବ ।

•ପରିବାର ର ସଦସ୍ୟ ମାନଙ୍କ ଚିହ୍ନଟ ନିମନ୍ତେ ସି ଏମ -କିଷାନ ଯୋଜନା ରେ ବ୍ୟବହାର କରାଯାଉଥିବା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପ୍ରଦତ୍ତ NFSA ତଥ୍ୟାବଳି, ପି ଏମ-କିଷାନ ଯୋଜନା ରେ ମଧ୍ୟ ପରିବାର ର ସଦସ୍ୟ ମାନଙ୍କ ଚିହ୍ନଟ ନିମନ୍ତେ ବ୍ୟବହାର କରାଯିବ ।

**ସି ଏମ - କିଷାନ ଓ ପି ଏମ -କିଷାନ ଯୋଜନାରେ ସହାୟତା ପରିମାଣ:**

ଗ୍ରାମାଞ୍ଚଳର ଯୋଗ୍ୟ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ସି ଏମ - କିଷାନ ଅଧୀନରେ ଦୁଇଟି ଫସଲ ଋତୁପାଇଁ ବାର୍ଷିକ ୪୦୦୦/- ଟଙ୍କାର ଆର୍ଥିକ ସହାୟତା ଏବଂ ପି ଏମ -କିଷାନ ଯୋଜନା ଅଧୀନରେ ତିନୋଟି କିସ୍ତିରେ ବାର୍ଷିକ ୬୦୦୦/- ଟଙ୍କାର ସହାୟତା ପାଇପାରିବେ। ଏହାଦ୍ୱାରା ଜଣେ ଯୋଗ୍ୟ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉଭୟ ଯୋଜନାରୁ ବାର୍ଷିକ ୧୦,୦୦୦/- ଟଙ୍କାର ସହାୟତା ଲାଭ କରିପାରିବେ । ସମସ୍ତ ଯୋଗ୍ୟ ମଧ୍ୟମ / ବଡ଼ ଚାଷୀ ତଥା ସହରାଂଚଳ ରେ ବାସ କରୁଥିବା ସମସ୍ତ ବର୍ଗର ଚାଷୀ ମାନେ ପି ଏମ -କିଷାନ ଯୋଜନା ଅଧୀନରେ ତିନୋଟି କିସ୍ତିରେ ବାର୍ଷିକ ୬୦୦୦/- ଟଙ୍କାର ସହାୟତା ପାଇପାରିବେ, ଯେହେତୁ ସେମାନେ ପି ଏମ -କିଷାନ ଯୋଜନା ଅଧୀନରେ ଯୋଗ୍ୟ ଅଟନ୍ତି |

ପ୍ରତି ଭୂମିହୀନ କୃଷି ପରିବାର ପାଇଁ ଜୀବନ ଜୀବିକା ସହାୟତା ତଥା ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ତିନୋଟି କିସ୍ତିରେ ସମୁଦାୟ ୧୨, ୫୦୦/- ଟଙ୍କା ସି ଏମ - କିଷାନ ଯୋଜନାରୁ ପ୍ରଦାନ କରାଯିବ।

ଯେଉଁ ବିଶେଷ ସମ୍ବେଦନଶୀଳ ଆଦିବାସୀ ଗୋଷ୍ଠୀ (PVTG ) ତଥା ଜଙ୍ଗଲ ଅଧିକାର ଅଧିନିୟମ ଅନ୍ତର୍ଗତ ଜମି ପଟ୍ଟା ଲାଭକରିଥିବା ଅନ୍ୟାନ୍ୟ ଜନଜାତି ସମ୍ପ୍ରଦାୟର ଚାଷୀ ପି ଏମ-କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିଛନ୍ତି, ସେମାନଙ୍କ ତାଲିକା ପି ଏମ-କିଷାନ ତଥ୍ୟାବଳି ସହ ମେଳକ କରି ସେମାନଙ୍କୁ ସି ଏମ-କିଷାନ ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ହିତାଧିକାରୀ ଚାଷୀ ଭାବରେ ସି ଏମ -କିଷାନ ଯୋଜନା ଅଧୀନରେ ବାର୍ଷିକ ୪୦୦୦/- ଟଙ୍କା ଏବଂ ପି ଏମ -କିଷାନ ଯୋଜନା ଅଧୀନରେ ବାର୍ଷିକ ୬୦୦୦/- ଟଙ୍କାର ହିସାବରେ ସମୁଦାୟ ବାର୍ଷିକ ୧୦,୦୦୦/- ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।
ସହାୟତା ରାଶି ହିତାଧିକାରୀଙ୍କ ଆକାଉଣ୍ଟକୁ ସିଧାସଳଖ ଅନଲାଇନ୍ (DBT ମୋଡ଼୍) ରେ ସ୍ଥାନାନ୍ତରିତ ହେବ।

**ହିତାଧିକାରୀ ଚୟନ ପ୍ରକ୍ରିୟା :**

ସି ଏମ - କିଷାନ ପୋର୍ଟାଲ୍ ମାଧ୍ୟମରେ ଉଭୟ ଯୋଜନା ଯଥା ସି ଏମ- କିଷାନ ଓ ପି ଏମ -କିଷାନ ପାଇଁ ଏକୀକୃତ ଭାବେ ଚାଷୀ ପଞ୍ଜିକରଣ ସମ୍ପନ୍ନ ହେବ। ସମସ୍ତ ବର୍ଗର ଚାଷୀଙ୍କ ପଞ୍ଜୀକରଣ ପାଇଁ ଏହା ଗୋଟିଏ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ | ଉଭୟ ସି ଏମ - କିଷାନ ଓ ପି ଏମ -କିଷାନ ଯୋଜନା ପାଇଁ ନୂତନ ହିତାଧିକାରୀ ନାମ ପଞ୍ଜିକରଣ ତଥା ହିତାଧିକାରୀ ଅଭିଯୋଗ ପଞ୍ଜିକରଣ ପାଇଁ ଏହି ୱେବ୍ ପୋର୍ଟାଲ୍ ବର୍ଷସାରା କାର୍ଯ୍ୟକ୍ଷମ ରହିବ।

**ଅନଲାଇନ ଆବେଦନ ସମୟରେ ଦରକାର ହେଉଥିବା ଆବେଦନକାରୀଙ୍କ ବାଧ୍ୟତାମୂଳକ ଦସ୍ତାବିଜ ର ତାଲିକା**

•ଆଧାର କାର୍ଡର ନକଲ
•କ୍ଷୁଦ୍ର ଓ ନାମମାତ୍ର ଚାଷୀ ଙ୍କୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପ୍ରଦତ୍ତ ରେସନ କାର୍ଡ (NFSA) ର ନକଲ
•ବ୍ୟାଙ୍କ ପାସ୍ ବୁକ୍ (ସେଭିଂ ଆକାଉଣ୍ଟସ୍) ର ପ୍ରଥମ ପୃଷ୍ଠାର ନକଲ
•କ୍ଷୁଦ୍ର ଓ ନାମମାତ୍ର ଚାଷୀ ଙ୍କ କ୍ଷେତ୍ରରେ ଚାଷ ଜମି ଦସ୍ତାବିଜ ର ନକଲ ଓ ଭୂମିହୀନ କୃଷି ପରିବାରଙ୍କ କ୍ଷେତ୍ରରେ MGNREGS ନିଯୁକ୍ତି କାର୍ଡର ନକଲ।

ଦରଖାସ୍ତ ପଞ୍ଜିକରଣ ପୂର୍ବରୁ ଚାଷୀଙ୍କୁ କେତକ ବାଧ୍ୟତାମୂଳକ କାର୍ଯ୍ୟ ସମାପନ କରିବା ବିଧେୟ
•ଚାଷ ଜମିର ତଥ୍ୟ ପ୍ରଦାନ କରି କୃଷକ ଓଡିଶା ପୋର୍ଟାଲ ରେ ନାମ ପଞ୍ଜିକରଣ କରନ୍ତୁ।
•ନିଜ ବ୍ୟାଙ୍କ ଶାଖାକୁ ଯାଇ ଆଧାର ସହିତ ବ୍ୟାଙ୍କ ସଂଚୟ ଖାତା ସହ ସଂଯୋଗ କରନ୍ତୁ।
•ପଞ୍ଜିକରଣ ସମୟରେ ପ୍ରତ୍ୟେକ ଚାଷୀଙ୍କୁ ଗୋଟିଏ ଅନନ୍ୟ ମୋବାଇଲ୍ ନମ୍ବର ପ୍ରଦାନ କରିବାକୁ ପଡିବ।

**କୃଷକଙ୍କ ପଞ୍ଜିକରଣ :**

•ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ସି ଏମ - କିଷାନ ପୋର୍ଟାଲ୍ ମାଧ୍ୟମରେ ଉଭୟ ଯୋଜନା ଯଥା ସି ଏମ - କିଷାନ ଓ ପି ଏମ -କିଷାନ ପାଇଁ ଏକାକୀ ଚାଷୀ ପଞ୍ଜିକରଣ ସମ୍ପନ୍ନ ହେବ। ସମସ୍ତ ବର୍ଗର ଚାଷୀଙ୍କ ପଞ୍ଜିକରଣ ପାଇଁ ଏହା ଗୋଟିଏ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ।

•ଉଭୟ ସି ଏମ - କିଷାନ ଓ ପି ଏମ -କିଷାନ ଯୋଜନା ପାଇଁ ନୂତନ ହିତାଧିକାରୀ ନାମ ପଞ୍ଜିକରଣ ତଥା ହିତାଧିକାରୀ ଅଭିଯୋଗ ପଞ୍ଜିକରଣ ପାଇଁ ଏହି ୱେବ୍ ପୋର୍ଟାଲ୍ ବର୍ଷସାରା କାର୍ଯ୍ୟକ୍ଷମ ରହିବ ।

•ସି ଏମ - କିଷାନ ପୋର୍ଟାଲରେ ପଞ୍ଜିକରଣ ସମୟରେ ପ୍ରତ୍ୟେକ ଚାଷୀଙ୍କୁ ବାଧତାମୂଳକ କ୍ଷେତ୍ର ଅଧୀନରେ ଇ-KYC ପାଇଁ ଆଧାର ନମ୍ବର ଏବଂ ଗୋଟିଏ ଅନନ୍ୟ ମୋବାଇଲ୍ ନମ୍ବର ପ୍ରଦାନ କରିବାକୁ ପଡିବ । OTP ପ୍ରାମାଣିକିକରଣ ପ୍ରକ୍ରିୟା ମାଧମରେ ମୋବାଇଲ୍ ନମ୍ବର ଯାଞ୍ଚ କରାଯିବ ।

•ସି ଏମ -କିଷାନ ପୋର୍ଟାଲ୍ ଅଧୀନରେ ପଞ୍ଜିକରଣ ପୂର୍ବରୁ, ପ୍ରତ୍ୟେକ ଚାଷୀଙ୍କୁ ରାଜ୍ୟ ରଜସ୍ୱ ବିଭାଗ ଦ୍ୱାରା ପରିଚାଳିତ ଭୂଲେଖ ପୋର୍ଟାଲ ଉଲ୍ଲେଖିତ ଚାଷ ଜମିର ତଥ୍ୟ ପ୍ରଦାନ କରି କୃଷକ ଓଡିଶା ପୋର୍ଟାଲ ରେ ନାମ ପଞ୍ଜିକରଣ କରିବା ବାଧତାମୂଳକ ଅଟେ । ଅନ୍ୟଥା ଏହା କରିବା ପାଇଁ ସି ଏମ - କିଷାନ ପୋର୍ଟାଲ୍ ରେ ପଞ୍ଜିକରଣ ସମୟରେ ଆପଣଙ୍କୁ ଏକ ପପ୍ଅପ୍ ବିଜ୍ଞାପ୍ତି ଦୃଶ୍ୟମାନ ହେବ । ପି ଏମ –କିଷାନ ସହାୟତା ପାଇବାପାଇଁ ସମ୍ପୃକ୍ତ ଚାଷୀଙ୍କ ଚାଷଜମିର ମ୍ୟୁଟେସନ ତାରିଖ ୦୧.୦୨.୨୦୧୯ ପୂର୍ବରୁ ହୋଇଥିବା ବାଧତାମୂଳକ ।

•ସି ଏମ - କିଷାନ ପୋର୍ଟାଲରେ ନାମ ପଞ୍ଜୀକରଣ ସମୟରେ, କୃଷକ ଓଡିଶା ପୋର୍ଟାଲ ରେ ଉପଲବ୍ଧ ଆପଣଙ୍କ ତଥ୍ୟ ଯଥା କ୍ଷୁଦ୍ର ଓ ନାମମାତ୍ର ଚାଷୀ, ମଧମ / ବଡ଼ ଚାଷୀ ପରି ସମସ୍ତ ଚାଷୀ ବର୍ଗ ଚିହ୍ନଟ ପାଇଁ ରିଅଲ୍-ଟାଇମ୍ ଆଧାରରେ କ୍ରସ-ଯାଞ୍ଚ କରାଯିବ |

•ସି ଏମ - କିଷାନ ପୋର୍ଟାଲରେ ନାମ ପଞ୍ଜୀକରଣ ସମୟରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ଭୂମିହୀନ କୃଷି ପରିବାରଙ୍କ କ୍ଷେତ୍ରରେ ଆବେଦନକାରୀଙ୍କ ପରିବାରର ଏକାଧିକ ସଦସ୍ୟଙ୍କ ଉପସ୍ଥିତି ଯାଞ୍ଚ ପାଇଁ, ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପ୍ରଦତ୍ତ NFSA ତଥ୍ୟାବଳି ସହ ରିଅଲ୍-ଟାଇମ୍ ଆଧାରରେ ପ୍ରକୃତ ସ୍ଥିତିକୁ କ୍ରସ-ଯାଞ୍ଚ କରାଯିବ ।

•ସି ଏମ -କିଷାନ ଯୋଜନାରେ ବର୍ଗ ପରିବର୍ତ୍ତନ ଯଥା ଭୂମିହୀନ କୃଷି ପରିବାରରୁ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ କ୍ଷୁଦ୍ର ଓ ନାମମାତ୍ର ଚାଷୀବର୍ଗ ରୁ ଭୂମିହୀନ କୃଷି ପରିବାର ବର୍ଗରେ ଅନ୍ତର୍ଭୁକ୍ତ ହେବାପାଇଁ ସି ଏମ - କିଷାନ ପୋର୍ଟାଲରେ ସମସ୍ତ ବାଧତାମୂଳକ ତଥ୍ୟ ପ୍ରଦାନ ସହ ହିତାଧିକାରୀ ତାଙ୍କର ଅଭିଯୋଗ ଦରଖାସ୍ତ ଅନଲାଇନ ରେ ପଞ୍ଜିକରଣ କରିପାରିବେ ଯାହାକି ପରବର୍ତ୍ତୀ ସମୟରେ ବିଭିନ୍ନ ସ୍ତରର ଅଧିକାରୀଙ୍କ ଦ୍ୱାରା କ୍ଷେତ୍ର ଯାଞ୍ଚ କରାଯାଇ ବୈଧ କରାଯିବ ।

•ସି ଏମ - କିଷାନ ପୋର୍ଟାଲରେ ଚାଷୀ ବର୍ଗ ସ୍ଥିରୀକୃତ ଏବଂ ଇ- KYC କାର୍ଯ୍ୟ ସମାପ୍ତ ହେବା ପରେ, HRMS ଡାଟାବେସ୍ ରେ ଉପଲବ୍ଧ ଆବେଦନକାରୀଙ୍କ ସ୍ଥିତି ଓ NPCI ତଥ୍ୟ ରୁ ଆଧାର ନମ୍ବର ସହିତ ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍ ସ୍ଥିତି ଯାଞ୍ଚ କରାଯିବ ।

•ସି ଏମ - କିଷାନ ପୋର୍ଟାଲରେ ଚାଷୀ ସେମାନଙ୍କର ପଞ୍ଜିକରଣ ପରେ, ସି ଏମ - କିଷାନ ଅଧୀନରେ ଆବେଦନ ସ୍ଥିତି ଯାଞ୍ଚ କରିବା ପାଇଁ ଏକ ସ୍ୱତନ୍ତ୍ର ଟୋକେନ୍ ନମ୍ବର ସୃଷ୍ଟି ହେବ । ଏହି ଟୋକେନ ନମ୍ବରକୁ ବ୍ୟବହାର କରି ଚାଷୀ ନିଜ ଦରଖାସ୍ତର ପ୍ରକୃତ ସ୍ଥିତି ଅନୁଧାନ କରିପାରିବେ ।

**କ୍ଷେତ୍ର ଯାଞ୍ଚ ପ୍ରକ୍ରିୟା :**

ଆବେଦନକାରୀଙ୍କ ଦ୍ୱାରା ଅନଲାଇନ ମାଧମରେ ଦରଖାସ୍ତ ପଞ୍ଜିକରଣ କାର୍ଯ୍ୟ ସଫଳତାର ସହ ସମାପନ ହେବାପରେ ଏହା ପୋର୍ଟାଲ ମାଧମରେ ସ୍ୱତଃପ୍ରବୃତ ଭାବରେ କ୍ଷେତ୍ର ଯାଞ୍ଚ ପାଇଁ ପ୍ରେରିତ ହେବ । କ୍ଷେତ୍ରସ୍ତରରେ କାର୍ଯ୍ୟରତ ଏକ ତ୍ରିସ୍ତରୀୟ ଯାଞ୍ଚ କମିଟି , ଯଥା- ଗ୍ରାମ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସ୍ତରୀୟ କମିଟି ଦ୍ୱାରା ଯାଞ୍ଚ ହେବାପରେ, ସର୍ବଶେଷରେ ଏହା ଜିଲ୍ଲାର ଜିଲ୍ଲାପାଳଙ୍କ ଅନୁମୋଦନ ଲାଭ କରିଥାଏ । ପ୍ରତ୍ୟେକ ସ୍ତରରେ ଅଧିକାରୀ ମାନଙ୍କୁ ସେମାନଙ୍କ ଅଞ୍ଚଳର ଦରଖାସ୍ତକାରୀଙ୍କ ସ୍ଥିତି ଦେଖିବା ସଙ୍ଗେ ସଙ୍ଗେ, ଯାଞ୍ଚ ପାଇଁ OTP ଆଧାରିତ ଲଗ ଇନ ପରିଚୟ ପତ୍ର ପ୍ରଦାନ କରାଯାଇଛି । ସମସ୍ତ ନୂତନ ଯାଞ୍ଚ ଏବଂ ଅଭିଯୋଗର ସମାଧାନ ପାଇଁ କ୍ଷେତ୍ର ଅଧିକାରୀମାନେ ସେମାନଙ୍କର OTP- ଆଧାରିତ ଲଗଇନ୍ ପ୍ରମାଣପତ୍ର ବ୍ୟବହାର କରିବେ ।

- ଯାଞ୍ଚ ସମୟରେ, କ୍ଷେତ୍ର ଅଧିକାରୀମାନେ କୃଷକ ଓଡିଶା ପୋର୍ଟାଲ ରେ ଉପଲବ୍ଧ ଜମି ବିବରଣୀ ଦେଖିପାରିବେ ।
- ଯଦି ଦରଖାସ୍ତ କାରୀଙ୍କ ଦ୍ୱାରା ପ୍ରଦତ୍ତ ଦସ୍ତାବିଜ ର ସତ୍ୟତା ଉପରେ ସନ୍ଦେହ ହୁଏ ତେବେ ସମ୍ପୃକ୍ତ VAW ସଠିକ ଦସ୍ତାବିଜ ପୈଠ କରିବା ପାଇଁ ଅନୁରୋଧ କରି ତାହାକୁ ଦରଖାସ୍ତକାରୀଙ୍କୁ ଫେରସ୍ତ କରିପାରିବେ ।
- ମଧମ / ବଡ଼ ଚାଷୀ ମାନଙ୍କ କ୍ଷେତ୍ରରେ, NFSA (PDS) ଡାଟାବେସରେ ସେମାନଙ୍କ ନାମ ଉପଲବ୍ଧ ନଥିବାର ବହୁ ସମ୍ଭାବନା ରହିଛି । ସମାନ ପରିସ୍ଥିତିରେ, ଏହି ଯୋଜନା ଅନ୍ତର୍ଗତ ସେମାନଙ୍କ ଏକାଧିକ ପରିବାର ସଦସ୍ୟଙ୍କୁ ଚିହ୍ନଟ କରିବା ପାଇଁ ପୁଙ୍ଖାନୁପୁଙ୍ଖ ଭାବେ କ୍ଷେତ୍ର ଯାଞ୍ଚ କରିବାର ଅଧିକାର ସମସ୍ତ କ୍ଷେତ୍ର ଅଧିକାରୀଙ୍କ ପାଖରେ ଅଛି ।

- ଜିଲ୍ଲାପାଳଙ୍କ ଅନୁମୋଦନ, କ୍ଷେତ୍ର ସ୍ତରର ଯାଞ୍ଚ ପର୍ଯ୍ୟାୟରେ ଅନ୍ତିମ ପ୍ରାଧିକରଣ ଭାବରେ ବିବେଚନା କରାଯିବ, ଯାହା ଚରମ ଏବଂ ବାଧତାମୂଳକ ଅଟେ |

**ରାଜ୍ୟ ସ୍ତରରେ ତଥ୍ୟ ବିଧିସିଦ୍ଧ କାର୍ଯ୍ୟ ସମାପନ :**

- ଜିଲ୍ଲାପାଳଙ୍କ ଅନୁମୋଦନ ପରେ ସମସ୍ତ ଆବେଦନଗୁଡିକର ଯୋଗ୍ୟତା ସ୍ଥିତି ଚୂଡ଼ାନ୍ତକରଣ ପାଇଁ ସହାୟତା ବିତରଣର ୧୦ ଦିନ ପୂର୍ବରୁ ରାଜ୍ୟ ସ୍ତରରେ NFSA ତଥ୍ୟ ସହିତ ମେଳକ କରାଯିବାର ବ୍ୟବସ୍ଥା କରାଯାଇଛି ।
- ସହାୟତା ବଣ୍ଟନ ପୂର୍ବରୁ ରାଜ୍ୟ ସ୍ତରରେ NFSA ଡାଟାବେସ୍ ସହିତ ମେଳକ ହେବା ପରେ ଏକାଧିକ ପରିବାର ସଦସ୍ୟଙ୍କୁ ବାଦ ଦିଆଯିବ ।
- ପି ଏମ -କିଷାନ ଯୋଜନାରେ ବାଦ ପଡିଥିବା ମୃତକ , ଆୟକରଦାତା ମାନଙ୍କୁ ମେଳକ କରାଯାଇ ସି ଏମ - କିଷାନ ହିତାଧିକାରୀ ତାଲିକାରୁ ତୁରନ୍ତ ବହିଷ୍କାର ପାଇଁ ବ୍ୟବସ୍ଥା କରାଯିବ ।
- NPCI ସଂସ୍ଥା ତଥ୍ୟ ଅନୁଯାୟୀ ଯେଉଁ ହିତାଧିକାରୀ ମାନଙ୍କର ଆଧାର କାର୍ଡ ସହ ବ୍ୟାଙ୍କ ଖାତା ସଂଯୋଗୀକରଣ ହୋଇ ନାହିଁ ସେମାନଙ୍କର ସହାୟତା ପ୍ରଦାନ ସାମୟିକ ସ୍ଥଗିତ ରହିବ ଏବଂ ସମ୍ପୃକ୍ତ ଚାଷୀଙ୍କ ଦ୍ଵାରା ଏହି ବ୍ୟାଙ୍କ ଖାତା ସହ ଆଧାର କାର୍ଡ ସଂଯୋଗୀକରଣ କାର୍ଯ୍ୟ ସମ୍ପନ୍ନ ହେବା ସଙ୍ଗେ ସଙ୍ଗେ ତାଙ୍କ ସହାୟତା ରାଶି ଯୋଗ୍ୟ ବିବେଚିତ ହେବା ସମୟରୁ ପ୍ରଦାନ କରାଯିବ ।
- ସି ଏମ - କିଷାନ ସହାୟତା ରାଶି ବିତରଣର ୧୫ ଦିନ ପୂର୍ବରୁ ଜିଲ୍ଲାପାଳଙ୍କ ଦ୍ଵାରା ଯୋଗ୍ୟ ଘୋଷିତ ଆବେଦନ ଗୁଡିକ ସି ଏମ - କିଷାନ ସହାୟତା ବିତରଣ ପାଇଁ ଚୂଡ଼ାନ୍ତ ତଥ୍ୟ ଭାବରେ ବିବେଚନା କରାଯିବ ।
- ଉପରୋକ୍ତ ସମସ୍ତ ପ୍ରକ୍ରିୟା ସମାପ୍ତ ହେବା ପରେ, ସି ଏମ - କିଷାନ ଯୋଜନାର System Support Team (SST), ସମସ୍ତ ଯୋଗ୍ୟ ବିବେଚିତ ଚାଷୀଙ୍କ ତାଲିକା ଭାରତ ସରକାରଙ୍କ ପି ଏମ -କିଷାନ ସଂସ୍ଥାଙ୍କ ସହିତ ବିନିମୟ କରିବା ସଙ୍ଗେ ସଙ୍ଗେ ସି ଏମ - କିଷାନ ଯୋଜନାର ସହାୟତା ବଣ୍ଟନ ପାଇଁ ହିତାଧିକାରୀ ତାଲିକା ପ୍ରସ୍ତୁତ କରି କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟକୁ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସମସ୍ତ ଡାଟାବେସ୍ ରକ୍ଷଣାବେକ୍ଷଣ କରିବେ ।

**ନିର୍ଦ୍ଦେଶକ, କୃଷି ଓ ଖାଦ୍ୟ ଉତ୍ପାଦନ**
**ନିର୍ଦ୍ଦେଶାଳୟ,ଓଡିଶା ଭୁବନେଶ୍ଵର**